

# ଶୌଚାଳୟରେ ତାଲା; ରାସ୍ତାସାରା କାଦୁଅ

ଭୁବନେଶ୍ୱର, ୨।୬(ସମିସ)

ଦୁର୍ଗନ୍ଧରେ ନାକ ଫାଟି ପଡ଼ୁଛି। ଗୋଟିଏ ସ୍ଥାନରେ ଏକ ମିନିଟ୍ ଛିଡ଼ା ହେବା ବି ସମ୍ଭବ ନୁହେଁ। ଏମିତିକି ଥକି ପଡ଼ିଥିବା ଲୋକଟିଏ ବିଶ୍ରାମ ନେବା ପୂର୍ବରୁ ସଂକ୍ରମଣର ଭୟ ତାଙ୍କୁ ଡରାଉଛି। ବସ୍‌ରୁ ଓହ୍ଲାଇବା କ୍ଷଣି ଯେମିତି ବିପଦ ଚାହିଁ ବସିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମାଷ୍ଟରକ୍ୟାଣ୍ଟିନ୍‌ରେ ଥିବା ସିଟି ବସଷ୍ଟାଣ୍ଡରେ। ଯେଉଁଠାରେ ପୁଳା ପୁଳା ଆବର୍ଜନା ଗଦା ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ

**■ ଦୁର୍ଗନ୍ଧରେ ବସ୍‌ଷ୍ଟାଣ୍ଡ ଭିତରେ ନାକ ଫାଟି ପଡ଼ୁଛି**
**■ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଅସ୍ତବ୍ୟସ୍ତ ଯାତ୍ରୀ**

ନ ଥିବା ଅଭିଯୋଗ ହୋଇଛି। ଯାହା କେବଳ ଦୁର୍ଗନ୍ଧ ସୃଷ୍ଟି କରୁନି ବରଂ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟ ଉପୁଜାଉଥିବା ଯାତ୍ରୀମାନେ ମତ ଦେଇଛନ୍ତି। କେବଳ ସେତିକି ନୁହେଁ ଏଠାରେ ଯାତ୍ରୀଙ୍କ ପାଇଁ ନିର୍ମିତ ଶୌଚାଳୟରେ ତାଲା ଝୁଲୁଥିବାରୁ ବସଷ୍ଟାଣ୍ଡ ପରିସରରେ ଯାତ୍ରୀମାନେ ବାଧହୋଇ ଶୌଚ କରୁଥିବା ଦେଖିବାକୁ ମିଳିଛି।

ଭୁବନେଶ୍ୱର ରେଳ ଷ୍ଟେସନକୁ ଲାଗି ରହିଛି ଏହି



ବସ୍‌ଷ୍ଟାଣ୍ଡ। ଏହିଠାରୁ ସହରର ବିଭିନ୍ନ ସ୍ଥାନ ଯଥା, ପୁରୀ, କଟକ ସମେତ ଭୁବନେଶ୍ୱରର ଏୟାରପୋର୍ଟ, ବରମୁଣ୍ଡା ବସଷ୍ଟାଣ୍ଡ ଆଦି ବିଭିନ୍ନ ସ୍ଥାନକୁ ସିଧାସଳଖ ବସ୍ ଯିବାଆସିବା କରିଥାଏ। ତେଣୁ ହଜାର ହଜାର ସଂଖ୍ୟାରେ ଯାତ୍ରୀ ଟ୍ରେନ୍ ଯୋଗେ ଆସି ବସ୍‌ରେ ନିଜ ଗନ୍ତବ୍ୟସ୍ଥଳକୁ ଯାଇଥାନ୍ତି। ଏହି ବସ୍‌ଷ୍ଟାଣ୍ଡକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଯାତ୍ରୀମାନେ ଆସୁଥିଲେ ବି ଏଠାକାର ପରିମଳର ଚିତ୍ର ସମସ୍ତଙ୍କୁ ଚିନ୍ତାରେ ପକାଇଛି। ବସ୍‌ଷ୍ଟାଣ୍ଡ ଭିତରକୁ ପ୍ରବେଶ କରୁ କରୁ ଗଦା ହୋଇଛି କୁଢ଼ କୁଢ଼ ଆବର୍ଜନା। ତା ସାଙ୍ଗକୁ ପାଣି କାଦୁଅରେ ଭର୍ତ୍ତି ହୋଇ ଦୁର୍ଗନ୍ଧରେ ନାକ ଫାଟି ପଡ଼ୁଛି। ବ୍ୟବସାୟୀମାନେ ଜଳଖିଆ ବିକ୍ରି କରିବା ପରେ ପ୍ଲେଟ୍ ସାଙ୍ଗକୁ ବର୍ଜ୍ୟବସ୍ତୁ ଆଣି ବସଷ୍ଟାଣ୍ଡ ଭିତରେ ଗଦା କରୁଥିବା ବସଷ୍ଟାଣ୍ଡ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସହରରେ ସମସ୍ତ ସ୍ଥାନରୁ ଡଷ୍ଟବିନ୍ ଉଠାଯାଇଥିବା ବେଳେ ସଫେଇ ଗାଡ଼ିରେ ଅଳିଆ ପକାଯାଉଛି। ହେଲେ ବିଭିନ୍ନ ଖୁଚୁରା ବ୍ୟବସାୟୀମାନେ ବ୍ୟବସାୟ କରିବା ପରେ ଏଠାରେ ଅଳିଆ ଗଦା କରିଦେଇ ଯାଉଛନ୍ତି। ଫଳରେ ବସଷ୍ଟାଣ୍ଡର ପରିବେଶ ନଷ୍ଟ ହେବା ସହ ମଶା ମାଛିଙ୍କ ସମେତ ଦୁର୍ଗନ୍ଧ ସୃଷ୍ଟି କରୁଛି। ଅନେକ ସମୟରେ ବୁଲା



କୁକୁର ଓ ଷଣ୍ଢମାନେ ଅଳିଆ ଏଣେତେଣେ ପକାଉଥିବା ମଧ୍ୟ ଦେଖିବାକୁ ମିଳିଛି। ସେହିପରି ଏଠାରେ ଦୀର୍ଘଦିନ ଧରି ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। କାଦୁଅରେ ଭର୍ତ୍ତି ହୋଇଛି ରାସ୍ତା। ପାଦ ପକାଇବା ମାତ୍ରେ ସଂକ୍ରମଣ ହେବାର ଆଶଙ୍କା ରହିଛି। କାରଣ ଏହି ପାଣି ବହୁ ଦିନ ଧରି ଜମି ରହି ସେଠାରେ ପୋକ ସାଲୁବାଲୁ ହେଉଥିବା ମଧ୍ୟ ନଜର ଆସିଛି। ସେହିପରି ଏହି ବସଷ୍ଟାଣ୍ଡରେ ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ରହିଥିବା ଶୌଚାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ତେବେ କେଉଁ କାରଣ ପାଇଁ ଏହା ବନ୍ଦ ରହିଛି ତାହା ଜଣାପଡ଼ି ନାହିଁ। କିନ୍ତୁ ଯାତ୍ରୀମାନେ ମାଧ ହୋଇ ବସଷ୍ଟାଣ୍ଡ ପରିସରରେ ଶୌଚ କରୁଥିବା ଦେଖିବାକୁ ମିଳିଛି। ତେବେ ଗୋଟେପଟେ ସହରକୁ ସ୍ୱଚ୍ଛ ଓ ସୌନ୍ଦର୍ଯ୍ୟ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପମାନ ନେଉଥିବା ବେଳେ ସହରର ସବୁଠୁ ମୁଖ୍ୟ ମନ୍ତବ୍ୟସ୍ଥଳରେ ଏଭଳି ଚିତ୍ର ସହରର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଣେ ଯାତ୍ରୀ କହିଛନ୍ତି ଯେ, ବସ୍ ଛାଡ଼ିବାକୁ ଆହୁରି ୪୫ ମିନିଟ୍ ବାକି ରହିଛି, କିନ୍ତୁ ବସ୍‌ରେ ବସି ଅପେକ୍ଷା କରିବା ସମ୍ଭବ ନୁହେଁ। ଆବର୍ଜନା ଦୁର୍ଗନ୍ଧରେ ନାକ ଫାଟିପଡ଼ୁଛି। ଏହି ସ୍ଥାନକୁ ଅନ୍ତଃ ପରିଷ୍କାର ରଖାଯିବା ଜରୁରୀ ଅଟେ। ଏଥିପାଇଁ ପ୍ରଶାସନ ଦୃଷ୍ଟି ଦେବା ଉଚିତ୍। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଠାରେ ମହିଳା ଓ ପୁରୁଷ ଯାତ୍ରୀମାନେ ବହୁ ସଂଖ୍ୟାରେ ଅଛନ୍ତି। କିନ୍ତୁ ମହିଳାମାନେ ଜରୁରୀ ସମୟରେ ଶୌଚାଳୟ ବ୍ୟବହାର କରିପାରୁ ନାହାନ୍ତି। ରାଜଧାନୀର ଏକ ଗନ୍ତବ୍ୟସ୍ଥଳରେ ଏଭଳି ଚିତ୍ର ଅତ୍ୟନ୍ତ ନିନ୍ଦନୀୟ ବୋଲି ଯାତ୍ରୀଜଣକ କହିଛନ୍ତି। ଏଥିପାଇଁ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଅନ୍ୟ ଯାତ୍ରୀମାନେ ଦାବି କରିଛନ୍ତି।

## ସଂକୀର୍ତ୍ତନ କଳାକାରଙ୍କୁ ଏକାଡେମୀ ପୁରସ୍କାର ପାଇଁ ଦାବି



ଭୁବନେଶ୍ୱର, ୨।୬(ସମିସ): ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ୧୯୭୦-୭୧ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ଏକାଡେମୀ ପୁରସ୍କାର ୫୧୭ଜଣରୁ ଊର୍ଦ୍ଧ୍ୱ ବିଭିନ୍ନ କ୍ଷେତ୍ରରେ କଳାକାରଙ୍କୁ ଦିଆଗଲାଣି। ୫୫ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରାଚୀନ ଲୋକସଙ୍ଗୀତ ସଂକୀର୍ତ୍ତନକୁ ଦିଆଗଲା ନାହିଁ। ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘର ସଭାପତି ବାବା ପଞ୍ଚଦେବ ଏ ନେଇ ସରକାରଙ୍କ ନିକଟରେ ଏକାଡେମୀ ପୁରସ୍କାର ପ୍ରଦାନ ପାଇଁ ଦାବି କରିଛନ୍ତି। ସେ ଆହୁରି କରିଛନ୍ତି ଯେ, ଅନୁଷ୍ଠାନ ମାଧ୍ୟମରେ ବିଜେପି ରାଜ୍ୟ କାର୍ଯ୍ୟାଳୟ ଅଭିଯୋଗ ଦିବସରେ ବିଭାଗୀୟ ମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଦରଖାସ୍ତ ଦିଆଯାଇଥିଲା। ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବଙ୍କୁ ଦିଆଯାଇଥିଲା। ଜୁରୀ କମିଟିର ମୁଖ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତାଙ୍କୁ ପୁରସ୍କାର ପୂର୍ବରୁ ସାକ୍ଷାତ କରି ଆଲୋଚନା କରାଯାଇ ବିଭାଗୀୟ ସଂସ୍କୃତିମନ୍ତ୍ରୀଙ୍କୁ ଦିଆଯାଇଥିବା ଦରଖାସ୍ତର କପି ମଧ୍ୟ ପ୍ରଦାନ କରାଯାଇଥିଲା।

## ନାଟ୍ୟଧାରାର ଦ୍ୱିତୀୟ ସନ୍ଧ୍ୟାରେ 'ବଞ୍ଚିବା ଜୀବନ'

ଭୁବନେଶ୍ୱର, ୨।୬(ସମିସ): କକ୍ଷଚ୍ୟୁତ ଧୂମକେତୁର ଜୀବନରେ ସବୁକିଛି ଅବଶ୍ୟମ୍ଭାବି। କିନ୍ତୁ ସ୍ଥିରତା କାହିଁ। ଆଉ ବୋଧହୁଏ ସ୍ଥିରତା ନାହିଁ ବୋଲି ତ ବହିଯିବାର ନାମ ନଈ। ବଞ୍ଚିବା ହିଁ ଜୀବନ। ଜୀବନ କେବେ କାହା ପାଇଁ ସମାନ ନୁହଁ ନା ସହଜ, ସରଳ ଆଉ ସମତଳ। କେବଳ ସୁନ୍ଦରମାତ୍ର ଦୂର ପରବତର ଭଳି। ହେଲେ ନିକଟରୁ ଦେଖିଲେ ନିର୍ଦ୍ଦୟ ଆଉ କଠୋର, ଭଗ୍ନଶୀଳ ଆଉ କୋଉ କଣରେ ତରଳ ବି। ଜୀବନର ଜଳଛବିକୁ ଦେଖାଇଛି ଏହି କାହାଣୀ। ଯେଉଁଥିରେ ଧୂମକେତୁର ସମଗ୍ର ଧୂଆଁଳିଆ ଅସ୍ତିତ୍ୱ, ବର୍ତ୍ତମାନ ଓ ଭବିଷ୍ୟତ ଦେଖାଇଛି। ସାଉଁଟିବା ଲୁହରେ ଉବୁଡୁବୁ ହେଉଥିବା ଅତି ହାଲକା ସ୍ୱପ୍ନ କିଛିଟା। ଏପରି ଏକ କାହାଣୀ ଯେଉଁଥିରେ ଜୀବନର ବାସ୍ତବତା ଦେଖାଇଛି ଏହି ନାଟକ 'ବଞ୍ଚିବା ଜୀବନ'। ଯାହାକୁ ପରିବେଷଣ କରିଛନ୍ତି ନାଟ୍ୟଶ୍ରୀ ବ୍ରହ୍ମପୁର ଏବଂ ରଚନା କରିଛନ୍ତି ଗୋଲକ ରଞ୍ଜନ ତ୍ରିପାଠୀ, ନିର୍ଦ୍ଦେଶନା ଦେଇଛନ୍ତି ସତ୍ୟବ୍ରତ ଦାସ। ସଂସ୍କୃତି ବିଭାଗ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଭଞ୍ଜକଳା ମଣ୍ଡପଠାରେ ନାଟ୍ୟଧାରାର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ବରିଷ୍ଠ ନାଟ୍ୟକାର ପଞ୍ଚାନନ ଦାଶ, ନାଟ୍ୟ ନିର୍ଦ୍ଦେଶକ ଲାଲ ବିରେନ ରାୟ, ନାଟ୍ୟ ସଂଘର ଉପସଭାପତି ଜିତେନ୍ଦ୍ର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ଏବଂ ଅଭୟେନ୍ଦୁ ଶେଖର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବୃଦ୍ଧାଶ୍ରମରେ କ୍ଷୀର ବାଣ୍ଟିଲେ ଦୁଗ୍ଧଚାଷୀ

ଭୁବନେଶ୍ୱର, ୨।୬(ସମିସ): ବିଶ୍ୱ ଦୁଗ୍ଧ ଦିବସ ଅବସରରେ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ଦୁଗ୍ଧ ଓ ବିସ୍କୁଟ ବଣ୍ଟନ କରାଯାଇଛି। ମହାସଂଘର ଅଧ୍ୟକ୍ଷ ରବି ବେହେରାଙ୍କ ନେତୃତ୍ୱରେ ସଦସ୍ୟମାନେ ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କୁ ଭେଟିଥିଲେ। ସାମ୍ବାଦିକ ତଥା 'ଶ୍ରୀ ସାହିତ୍ୟ'ର ସମ୍ପାଦକ କୃଷ୍ଣ ନାୟକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମହାସଂଘର ସମ୍ପାଦକ ନାରାୟଣ ଡାଲୁଆ ବିଶ୍ୱ ଦୁଗ୍ଧ ଦିବସର ତାତ୍ପର୍ଯ୍ୟ ଉପରେ ଅଲୋକପାତ କରିଥିଲେ। ବୃଦ୍ଧାଶ୍ରମର ସମ୍ପାଦକ ବିଚିତ୍ରାନନ୍ଦ ଖୁଣ୍ଟିଆ(ନିଲୁ) ଏହି କାର୍ଯ୍ୟକ୍ରମ ପାଇଁ ମହାସଂଘକୁ କୃତଜ୍ଞତା ଜଣାଇଥିଲେ ଏବଂ ତପନ ଲେଙ୍କା ଧନ୍ୟବାଦ ଦେଇଥିଲେ। ଚାଷୀନେତା ତାପସ ମହାନ୍ତି, ସମାଜସେବୀ କୈଳାସ ବେହେରା, ସୁଶାନ୍ତ ଗୌଡ଼ ଓ ବଟକୃଷ୍ଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୩ରେ 'ଦରିଆ କୂଳର ଦରଦୀ ବନ୍ଧୁ'

ଯାଁଳା, ୨।୬(ସମିସ): ଭୁବନେଶ୍ୱର ବ୍ଲକ ନଁପୁଟ୍ ପଞ୍ଚାୟତରେ ସୋମନାଥ ଯୁବପରିଷଦ ତରଫରୁ ପ୍ରତିବର୍ଷ ପରି ଏ ବର୍ଷ ନାଟକର ଚୂଡାନ୍ତ ପ୍ରସ୍ତୁତି ହୋଇଛି, ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶନାରେ ଏବର୍ଷର ନାଟକ ଦରିଆ କୁଳର ଦରଦୀ ବନ୍ଧୁ ନଁପୁଟ ଦୁର୍ଗା ମଣ୍ଡପ ପ୍ରାଙ୍ଗଣରେ ଆସନ୍ତା ୧୩ ତାରିଖ ରଜ ସଜବାଜ ରାତ୍ରରେ ମଞ୍ଚସ୍ଥ ହେବାକୁ ଯାଉଛି। ଏଥିରେ ସୋମନାଥ ଯୁବ ପରିଷଦର ଯୁବକମାନେ ଅଂଶ ଗ୍ରହଣ କରୁଛନ୍ତି ବୋଲି କ୍ଲବର ସଭାପତି ସୁନିଲ୍ କୁମାର ପାଇକରାୟ, ସମ୍ପାଦକ ପ୍ରବୋଧ କୁମାର ପାଇକରାୟ, ଏବଂ କୋଷାଧକ୍ଷ ଲୋଚନ ବରାଳ କହିଛନ୍ତି।

## ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ପ୍ରାଣକୃଷ୍ଣଙ୍କ ଜୟନ୍ତୀ




ଭୁବନେଶ୍ୱର, ୨।୬(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଉତ୍କଳ ବିଶ୍ୱବିଦ୍ୟାଳୟ ଠାରେ ପଦ୍ମଭୂଷଣ ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହାକୁ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀ ପରିଜାଙ୍କ ଜୀବନୀ ଉପରେ ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଜ୍ୟୋତି ମିନର୍ଭା ସାହୁ, ନମିତା ରଣା ପ୍ରମୁଖ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରିଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କ୍ୟାନ୍ସର ରୋଗୀଙ୍କ ପାଇଁ ନୂତନ ସେଲ୍ଟର ହାଉସ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨।୬(ସମିସ): ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାଧୀନ କ୍ୟାନ୍ସର ରୋଗୀମାନଙ୍କ ପାଇଁ ନବୀ ମୁମ୍ବାଇର ଖାରଘର ସେକ୍ଟର-୧୨, ପ୍ଲଟ୍ ନମ୍ବର ଡ଼ି/୩୫/୩୨-୩୩ ଠାରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ଏକ ନୂତନ ଶେଲ୍ଟର ହାଉସର ଉଦ୍‌ଘାଟନ ହୋଇଯାଇଛି। ଏହି ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥି ଭାବେ ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ମ୍ୟାନେଜିଙ୍ଗ ଡାଇରେକ୍ଟର ସତୀଶ ପାଇ ଓ ତାଙ୍କ ଧର୍ମପତ୍ନୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣପତ କୋଠାରୀ, ଡା. ରୀତା ମୋଦୀ, ଆଣ୍ଟି କରପ୍ସନ ଇଣ୍ଟେଲିଜେନ୍ସ କମିଟିର ସଭାପତି ଅଶୁତୋଷ ତ୍ରିପାଠୀ, ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର କ୍ଲଷ୍ଟର ହେଡ୍ କୈଳାଶ ପାଣ୍ଡେ 'ଡୁପ୍ଲିକେଟ ସଚିନ ତେନ୍ଦୁଲକର' ଭାବେ ପରିଚିତ ବଲରାଜ ସିଂହ, ଟାଇମ୍ସ ଅଫ୍ ଇଣ୍ଡିଆର ସମ୍ପାଦକ ନିର୍ମଳ ମିଶ୍ରଙ୍କ ସହ ଯୋଗଦେଇ କ୍ୟାନ୍ସର ରୋଗୀମାନଙ୍କ ଉତ୍ସାହ ବଢ଼ାଇଥିଲେ। ସଭାକୁ ସମ୍ବୋଧିତ କରି ସତୀଶ ପାଇ, ଡା. ବିପିନ ବିହାରୀ ମିଶ୍ରଙ୍କ ନେତୃତ୍ୱରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ କରୁଥିବା ସମାଜସେବାମୂଳକ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଶିକ୍ଷା, ପରିବେଶ, ସ୍ୱାସ୍ଥ୍ୟ ଓ କୌଶଳ ବିକାଶ କ୍ଷେତ୍ରରେ ଫାଉଣ୍ଡେସନର ଅବଦାନକୁ ସେ ସ୍ୱାଗତ କରିଥିଲେ। ଗଣପତ କୋଠାରୀ ମଧ୍ୟ ଡା. ବିପିନ ବିହାରୀ ମିଶ୍ରଙ୍କ ସମାଜସେବା ପ୍ରତି ନିଷ୍ଠାକୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ସହଯୋଗ ଜାରି ରଖିବାକୁ ଆଶ୍ୱାସନ ଦେଇଥିଲେ। ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ସମ୍ପାଦିକା ସୁକାନ୍ତି




ମିଶ୍ର ଶ୍ରୀମତୀ ପାଇଙ୍କୁ ସମ୍ମାନିତ କରିଥିଲେ। ଫାଉଣ୍ଡେସନର ଟ୍ରଷ୍ଟି ବିକେ ପାଣିଗ୍ରାହୀଙ୍କ ନେତୃତ୍ୱରେ ଓ ଦୀପକ ସାହୁଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏସ୍‌ବିଆଇର ମନୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ୟାପଟେନ୍ ଶେଲି ମିଶ୍ର ଓ ସୌମ୍ୟ ମହାପାତ୍ର କ୍ୟାନ୍ସର ରୋଗୀମାନଙ୍କୁ ଫଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଅତିଥି, ସମାଜସେବୀ, ଦାନଦାତା ଓ ସାମାଜିକ କର୍ମୀମାନେ ଯୋଗଦେଇଥିଲେ।

## ଭର୍ଚୁଆଲ ଏକାଡେମୀ ପକ୍ଷରୁ ପୋଥିବିଜ୍ଞାନ କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର, ୨।୬(ସମିସ): ଓଡ଼ିଶା ଭର୍ଚୁଆଲ ଏକାଡେମୀ ପକ୍ଷରୁ ୧୦ ଦିନିଆ ପୋଥିବିଜ୍ଞାନ ସମ୍ବନ୍ଧୀୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କରି ପୋଥିବିଜ୍ଞାନୀ ତଥା ଜାତୀୟ ପାଣ୍ଡୁଲିପି ମିଶନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର ଯୋଗ ଦେଇଥିବା ବେଳେ ଅଧ୍ୟକ୍ଷତା କରିଥିଲେ ଏକାଡେମୀର ସଚିବ ଡ. ପ୍ରଦୀପ କୁମାର ରାଉତ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ପୋଥିବିତ ପ୍ରଫେସର ହରେକୃଷ୍ଣ ମିଶ୍ର କହିଥିଲେ ଯେ ପୋଥିଗୁଡିକର ସଠିକ୍ ପଠନ ଦ୍ୱାରା ଭାରତୀୟ ଜ୍ଞାନ ପରମ୍ପରାର ସଂରକ୍ଷଣ ଓ ବିକାଶ ସମ୍ଭବ ହୋଇ ପାରିବ। କର୍ମଶାଳାର ପାଠ୍ୟକ୍ରମ ନିର୍ଦ୍ଦେଶକ ପ୍ରଫେସର ବିଭୁତି ଭୂଷଣ ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଓଡ଼ିଶା ଭର୍ଚୁଆଲ ଏକାଡେମୀ ପକ୍ଷରୁ ବରିଷ୍ଠ ପ୍ରବନ୍ଧକ ସ୍ମୃତି ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଦେବାନନ୍ଦ ଭଞ୍ଜ, ବରିଷ୍ଠ ଅଧିକାରୀ ଶ୍ରୀନିବାସ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କର୍ମଶାଳାରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ୬୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି।

## ନାଟକ କର୍ମଶାଳା ରଙ୍ଗଭାରତୀ ଉଦ୍‌ଯାପିତ



ଭୁବନେଶ୍ୱର, ୨।୬(ସମିସ): ନାଟ୍ୟ ସଂସ୍ଥା ଉତ୍ତର ପୁରୁଷ ଆୟୋଜିତ ନାଟକ କର୍ମଶାଳା ରଙ୍ଗଭାରତୀ-୧୭ର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ କରାଟେ ସ୍କୁଲ ସଭାଗୃହରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ଜେନା, ବିଶିଷ୍ଟ ଶିକ୍ଷାବିତ୍ ଓ କଳା ସଂସ୍କୃତି ସମୀକ୍ଷକ ରମଣ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦୀର୍ଘ ୨୧ ଦିନ ଧରି ଚାଲିଥିବା ଏହି କର୍ମଶାଳାରେ ୨୦ ଜଣ ଯୋଗଦେଇ ନାଟକ ପ୍ରଶିକ୍ଷଣ ନେଇଥିଲେ। ଚୌଧୁରୀ ଜୟପ୍ରକାଶ ଦାସ, କପିଳାସ ଭୂୟାଁ, ପ୍ରଶାନ୍ତ ମହାପାତ୍ର ଭାସ୍ୱତୀ ବସୁ, ଚକ୍ରଧର ପାତ୍ର ପ୍ରମୁଖ କର୍ମଶାଳାରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦଯାପନୀ ସନ୍ଧ୍ୟାରେ ଦେବଦତ୍ତ ପତିଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ କ୍ଷୁଦ୍ର ନାଟକ 'ରାଜଜେମା' ପ୍ରଦର୍ଶନ କରିଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉତ୍ତର ପୁରୁଷର ସଭପତି ଡ. ପ୍ରସନ୍ନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆସରରେ ନାଟ୍ୟ ନିର୍ଦ୍ଦେଶକ, ଅଭିନେତା, ଲେଖକ ଓ କଳାକାର ଯୋଗଦେଇଥିଲେ।

## ନିଃଶୁଳ୍କ ଗ୍ରୀଷ୍ମକାଳୀନ ସଙ୍ଗୀତ ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର, ୨।୬(ସମିସ): ଆରାଧନା ଏକାଡେମୀ ପକ୍ଷରୁ ଆୟୋଜିତ ନିଶୁଳ୍କ 'ଗ୍ରୀଷ୍ମକାଳୀନ ସଙ୍ଗୀତ ଶିକ୍ଷା ଶିବିର' ଉଦ୍‌ଯାପିତ ହୋଇଛି। ଏକ ମାସ ବ୍ୟାପି ଏହି ସଙ୍ଗୀତ ଶିକ୍ଷା ଶିବିରରେ ପ୍ରଥମ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସଙ୍ଗୀତ ଗୁରୁ ଗୁରୁ ପ୍ରଦୀପ କିଶୋର ସାଇଁଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ସ୍ୱରର ବିକାଶ, ସୁର ନିୟନ୍ତ୍ରଣ ଏବଂ ସୁମଧୁର ଗାୟନର ବିଭିନ୍ନ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଗତ ଏକ ମାସ ଧରି ଗୁରୁଜୀଙ୍କ ଠାରୁ ଯାହା ଶିଖିଥିଲେ, ତାକୁ ସେମାନେ ସୁନ୍ଦର ଭାବରେ ପ୍ରସ୍ତୁତ କରିଥିଲେ। ଶେଷରେ ଗୁରୁ ପ୍ରଦୀପ୍ତ କିଶୋର ସାଇଁ ଛାତ୍ରଛାତ୍ରୀମାନଙ୍କୁ 'ପ୍ରଶଂସା ପତ୍ର' ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଆରାଧନା ଏକାଡେମୀର ଟ୍ରଷ୍ଟି ସ୍ୱପ୍ନାରାଣୀ ସ୍ୱାଇଁ ସମସ୍ତ ଶିଶୁଙ୍କୁ ଧନ୍ୟବାଦ ଜଣାଇଥିଲେ। - ସମ୍ପୂର୍ଣ୍ଣା

**ଆଜି ବିଶ୍ୱ ସାଇକଲ ଦିବସ**

# ଜୀବନଶୈଳୀରେ ଯୋଡ଼ି ହୋଇଛି ସାଇକଲ୍ ଚାଳନା

ଭୁବନେଶ୍ୱର, ୨।୬(ସମିସ)

ବର୍ତ୍ତମାନର ଚାକଚକ୍ୟଭରା ସୌଖୀନ ଜୀବନଶୈଳୀ ଭିତରେ ବି ଦେଖିବାକୁ ମିଳୁଛି ପୁରାତନ ଢ଼ାଞ୍ଚା। କେହି କେହି ପୁରୁଣା କାଳିଆ ଜୀବନଶୈଳୀକୁ ଜାବୁଡ଼ି ଧରିଛନ୍ତି ତ ଆଉ କେହି ଏସବୁରେ ଆଧୁନିକତାକୁ ଯୋଡ଼ିଛନ୍ତି। ଯାହାର ଉଦାହରଣ ହେଉଛି ସାଇକଲ ଚାଳନା। ବର୍ତ୍ତମାନ ବଡ଼ବଡ଼ିଆ ବାବୁମାନେ ବି ରାଜଧାନୀ ରାସ୍ତାରେ ସାଇକଲ ଚଳାଉଥିବା ଦେଖିବାକୁ ମିଳିଛି। ପୂର୍ବରୁ ସାଇକଲଟିଏ ଥିବା ଲୋକକୁ ଧନୀ ବୋଲି ବିବେଚିତ କରାଯାଉଥିବା ବେଳେ ବର୍ତ୍ତମାନ ସାଇକଲ ନେଇ ଯାଉଥିବା ବ୍ୟକ୍ତିଙ୍କୁ ଅଭାବୀ ମଣିଷ ଭାବେ ସମାଜ ଦେଖିଥାଏ। ହେଲେ ଧନୀ- ଗରିବ ଠାରୁ ଊର୍ଦ୍ଧ୍ୱରେ ରହି ବଡ଼ବଡ଼ିଆ ବାବୁମାନେ ଏବେ ସାଜିଛନ୍ତି ସାଇକଲ ଚାଳକ। ପରିବେଶ ସୁରକ୍ଷା ସାଙ୍ଗକୁ ସୁନ୍ଦର ସ୍ୱାସ୍ଥ୍ୟର ବାର୍ତ୍ତା ଦେଇ ପ୍ରୟାସ ଆରମ୍ଭ କରିଛନ୍ତି ରାଜଧାନୀର ବରିଷ୍ଠ ବ୍ୟକ୍ତିମାନେ।

ବର୍ତ୍ତମାନ ବିଭିନ୍ନ ଗାଡ଼ି ମୋଟର ବ୍ୟବହାର ବୃଦ୍ଧି ପାଉଥିବା ବେଳେ ଏଥିରୁ ନିର୍ଗତ ଧୂଆଁ ପରିବେଶକୁ ବହୁ ମାତ୍ରାରେ ପ୍ରଦୂଷିତ କରୁଛି। ଏଥିସହିତ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଗାଡ଼ି ଚାଳକଙ୍କ ଚିନ୍ତା ବଢ଼ାଉଛି। କେବଳ ସେତିକି ନୁହେଁ, ବର୍ତ୍ତମାନ ସମୟରେ ଶରୀରକୁ ସୁସ୍ଥ ରଖିବାକୁ ହେଲେ ବ୍ୟାୟାମ ଅପରିହାର୍ଯ୍ୟ ବୋଲି ବିଶେଷଜ୍ଞମାନେ ମତ ଦେଉଥିବା ବେଳେ ସାଇକଲ ଚାଳନା ଏଥିପାଇଁ ମହୌଷଧୀ। ଯେଉଁଥିପାଇଁ ଏବେ ସକାଳୁ ସକାଳୁ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଯୁବଗୋଷ୍ଠୀ ଏବଂ ବରିଷ୍ଠ ନାଗରିକମାନେ ଦଳଗତ ଭାବେ ରାଜଧାନୀ ରାସ୍ତାରେ ସାଇକଲ ଚାଳନା କରୁଥିବା ଦେଖିବାକୁ ମିଳିଛି। କେହି କେହି ଫିଟ୍ ରହିବାକୁ ଜିମ୍‌ରେ ସାଇକଲ ଚାଳନା କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ସେହିପରି ଚାରିଚକିଆ ଗାଡ଼ି ବଦଳରେ ଆଦରଣୀୟ



ହେଉଛି ସାଇକଲ। ଦେହରେ ଭିନ୍ନ ପୋଷାକ ସାଙ୍ଗକୁ ହାତରେ ଗ୍ଲୋବସ୍, ନି-କଭର, ହେଲମେଟ ସାଙ୍ଗକୁ ଫ୍ୟାନ୍ସି ସାଇକଲରେ ଚାଳକମାନେ ମନୋରଞ୍ଜନ କରୁଥିବା ଦେଖିବାକୁ ମିଳୁଛି। ଏନେଇ ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡଭେନଚର କ୍ଲବ ପକ୍ଷରୁ ସନ୍ତୋଷ କୁମାର ରାଉତ କହିଛନ୍ତି ଯେ, ପ୍ରଥମତଃ ଜୀବନଜୀବିକା ପାଇଁ ସାଇକଲ ପୂର୍ବରୁ ଥିଲା ଆଗକୁ ମଧ୍ୟ ରହିବ। ଏହାଦ୍ୱାରା ଶାରୀରିକ ବ୍ୟାୟାମ୍ ଓ ପରିବେଶ ପ୍ରଦୂଷଣମୁକ୍ତ ହେବ। ଯେଉଁମାନେ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ନୁହଁନ୍ତି ସେମାନେ ଆଜି ବି ସାଇକଲ ଚଳାଉଥିବା ବେଳେ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତିମାନେ ଟିକେ ଉନ୍ନତମାନର ସାଇକଲ ଅବା ସ୍ପୋର୍ଟସ ସାଇକଲ ବ୍ୟବହାର କରୁଛନ୍ତି। ଏଣିକି ସାଇକଲ ଚାଳନାକୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଉଥିବାରୁ ଧୀରେ ଧୀରେ ସାଇକଲ ଚାଳନା ପ୍ରତି ଲୋକଙ୍କର ଆଗ୍ରହ ବଢ଼ୁଛି। ରାଜ୍ୟ ତଥା ଦେଶ ବାହାରେ ମଧ୍ୟ ବିଭିନ୍ନ ଇଭେଣ୍ଟ ଆୟୋଜନ କରାଯାଉଛି। ଭୁବନେଶ୍ୱରରୁ କାଠମାଣ୍ଡୁ, ଏଭରେଷ୍ଟ ବେସ୍ କ୍ୟାମ୍ପକୁ ସାଇକଲ ରାଇଡ୍ କରାଯାଉଥିବା ସହ ଭିଏତନାମ ଠାରୁ କାମ୍ବୋଡିଆ, ହିମାଳୟ, ମନାଲି ଯାଏଁ ମଧ୍ୟ ସାଇକଲ ରାଇଡ୍ କରାଯାଉଛି। ସେହିପରି ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ସାଇକଲ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ସବୁଠାରୁ ବଡ଼କଥା ହେଉଛି ସାଇକଲ ଚଳାଇବା ଦ୍ୱାରା ଯେଉଁ ପରିଶ୍ରମ ହୋଇଥାଏ ତାହା ଶରୀରରେ ମହୋଷୌଧୀ ଭଳି କାର୍ଯ୍ୟ କରେ। ତେବେ ସାଇକଲ ପରିବେଶ ସୁରକ୍ଷା ପାଇଁ ସରକାର ମୋ ସାଇକଲ ଯୋଜନା ଆରମ୍ଭ କରିଥିଲେ। ଯାହାକି ପବ୍ଲିକ୍ ଟ୍ରାନ୍ସପୋର୍ଟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ରାଜଧାନୀର ସାଇକଲ ପାଥ୍ ଗୁଡ଼ିକ ପାର୍କିଂ ସ୍ଥଳ ପାଲଟିଛି। ସେହିପରି ସମସ୍ତଙ୍କ ମଧ୍ୟରେ ସାଇକଲର ଆଦୃତ ଆହୁରି ବଢ଼ାଇବାକୁ ଏବଂ ସାଇକଲ ଚାଳନାକୁ ଅଗ୍ରାଧିକାର ଦେବାକୁ ସରକାର ସ୍ୱତନ୍ତ୍ର ସାଇକଲ ପାଥ୍ ନିର୍ମାଣ କରନ୍ତୁ। ରାଜରାସ୍ତାରେ ମଧ୍ୟ ସାଇକଲ ଚାଳନା ପାଇଁ ଲେନ୍ ରହିବା ଉଚିତ୍। ଏହାଦ୍ୱାରା ସାଇକଲ ଚାଳକମାନେ ସୁରକ୍ଷିତ ଭାବେ ରାଇଡ କରିପାରିବେ ଏବଂ ଘରୁ ବାହାରିଲେ କାର୍ କିମ୍ବା ବାଇକ ବଦଳରେ ସାଇକଲ ନେବାକୁ ପସନ୍ଦ କରିବେ। ଏଥିପ୍ରତି ସରକାର ଗୁରୁତ୍ୱ ଦେବା ଉଚିତ୍ ବୋଲି ସାଇକଲ ଚାଳକମାନେ କହିଛନ୍ତି।

**■ ପରିବେଶ ସଚେତନ ସହ ସ୍ୱାସ୍ଥ୍ୟ ପାଇଁ ପାଲଟୁଛି ମହୋଷଧୀ**

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୦୧ ● ପାଉଣ୍ଡ ୧୨୭.୯୯
- ୟୁରୋ ୧୧୦.୫୮ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୩,୨୦୦ (ଭୁବନେଶ୍ୱର)
- ରୁପା : ୨,୯୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୬୪୯.୦୦
- ନିଫ୍ଟି ୨୩,୪୮୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# କମୁଛି ଏଟିଏମ୍‌ରୁ ଟଙ୍କା ଉଠାଣ

## ୨ ବର୍ଷରେ ଅଧାହେଲାଣି ଡେବିଟ୍ କାର୍ଡରେ କାରବାର

**ଡେବିଟ୍ କାର୍ଡ ଫି'ର ପୁନର୍ବିଚାର କରିପାରନ୍ତି ବ୍ୟାଙ୍କ**



**ଆର୍‌ବିଆଇ ରିପୋର୍ଟ**

ନୂଆଦିଲ୍ଲୀ,୨।୬(ଏଜେନ୍ସି): ବର୍ତ୍ତମାନ ଏଟିଏମ୍‌ରୁ ଟଙ୍କା ଉଠାଇବା ପାଇଁ ଭାରତୀୟଙ୍କ ସବୁଠୁ ନିର୍ଭରଯୋଗ୍ୟ ମାଧ୍ୟମ ହେଉଛି ଡେବିଟ୍ କାର୍ଡ। ଯଦିବା ଏଟିଏମରୁ ଟଙ୍କା ଉଠାଇବା ସହଜ ହୋଇଯାଇଛି, ହେଲେ ଡେବିଟ୍ କାର୍ଡର ବ୍ୟବହାର ସମ୍ପର୍କରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦେଇଥିବା ତଥ୍ୟ ଖୁବ୍ ଆଶ୍ଚର୍ଯ୍ୟଜନକ। ନୂଆ ତଥ୍ୟକୁ ଦେଖିଲେ ଦେଶରେ ଡେବିଟ୍ କାର୍ଡ ବ୍ୟବହାରକାରୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଆର୍‌ବିଆଇ ତଥ୍ୟ ଅନୁସାରେ ଗତ ୨ ବର୍ଷ ମଧ୍ୟରେ ଡେବିଟ୍ କାର୍ଡରେ କାରବାର ପ୍ରାୟତଃ ଅଧା ହୋଇଗଲାଣି। ଅର୍ଥାତ୍ ଗତ ୨ ବର୍ଷରେ ଡେବିଟ୍ କାର୍ଡ ବ୍ୟାବହାର ୪୪% ପର୍ଯ୍ୟନ୍ତ ହ୍ରାସ ଘଟିଛି। ଫଳରେ ଏଟିଏମରୁ ଟଙ୍କା ଉଠାଉଥିବା ଲୋକଙ୍କ ସଂଖ୍ୟାରେ ଦ୍ରୁତ ହ୍ରାସ ହେଉଛି। ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ) ଜରିଆରେ ପେମେଣ୍ଟ ଏବେ ଲୋକଙ୍କର ପସନ୍ଦଯୋଗ୍ୟ ମାଧ୍ୟମ ପାଲଟିଛି। ସେଥିପାଇଁ ତେଣୁ ଭାରତୀୟମାନେ ଡେବିଟ୍ କାର୍ଡଠାରୁ ଦୂରେଇ ଯାଉଛନ୍ତି।

ରିଜର୍ଭ ବ୍ୟାଙ୍କର ସଦ୍ୟତମ ତଥ୍ୟ ଦର୍ଶାଉଛି ଯେ, କେନ୍ଦ୍ରୀୟ ବ୍ୟାଙ୍କଙ୍କ ୨୦୨୬ ଆର୍ଥିକ ବର୍ଷ ରିପୋର୍ଟ ଅନୁସାରେ ଡେବିଟ୍ କାର୍ଡ ନେଣଦେଣ ୨୦୨୩-୨୪ରେ ୨୨,୮୬୦ ଲକ୍ଷରୁ ହ୍ରାସ ହୋଇ ୨୦୨୪-୨୫ରେ ୧୬,୨୨୦ ଲକ୍ଷ ଓ ୨୦୨୫-୨୬ରେ ୧୨,୮୦୨ ଲକ୍ଷକୁ ହ୍ରାସ ପାଇଛି। ତେବେ ଏଟିଏମ ଉଠାଣରେ ଏପରି ହ୍ରାସର ମୁଖ୍ୟ କାରଣ ତାହା ହେଉଛି ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ ବା ୟୁପିଆଇ। ଦେଶରେ ୟୁପିଆଇର ଉପଯୋଗ ବଢ଼ିବା ସହ ଏଟିଏମ୍ ଜରିଆରେ କାରବାର କମିଛି। ତଥ୍ୟ ଅନୁସାରେ ୨୦୨୩-୨୪ରେ ୟୁପିଆଇ କାରବାର ୧୩,୧୧,୨୯୫ ଲକ୍ଷରୁ ବଢ଼ି ୨୪,୧୬,୧୬୯ ଲକ୍ଷ ହୋଇଯାଇଛି। ଏହା ପାଖାପାଖି ୮୪% ବୃଦ୍ଧିକୁ ଦର୍ଶାଉଛି। ଏବେ ଲୋକେ ଛୋଟମୋଟ କାମ ଯେପରି ଦୋକାନରୁ ସଉଦା କିଣିବା, ପନିପରିବା ଓ ଅନ୍ୟ ଆବଶ୍ୟକ ସାମଗ୍ରୀ କିଣିବା, ବିଦ୍ୟୁତ ଓ ପାଣି ବିଲ୍ ପୈଠ କରିବା ଆଦି କାମରେ ୟୁପିଆଇ ଉପଯୋଗ କରୁଛନ୍ତି। ଏଣୁ ଡେବିଟ କାର୍ଡ ସ୍ୱାପ କରିବା ଅଥବା ଟ୍ୟାପ୍ କରିବା ଆଉ ଆବଶ୍ୟକ ପଡୁନାହିଁ। ସାଧାରଣତଃ ଡେବିଟ୍ କାର୍ଡକୁ ସଞ୍ଚୟ ଖାତା ବା ସେଭିଙ୍ଗସ ଆକାଉଣ୍ଟ ସହ ଡିଫଲ୍ଟ କରାଯାଇଛି। ବିନା କୌଣସି ଆବେଦନରେ ଏହା ମିଳିଯାଉଛି। ହେଲେ କ୍ରେଡିଟ କାର୍ଡ ଏପରି ମିଳେ ନାହିଁ। ରିପୋର୍ଟ ଅନୁସାରେ ଏବେ ଲୋକେ ଡେବିଟ୍ କାର୍ଡ ବଦଳେ କ୍ରେଡିଟ୍ କାର୍ଡର ବେଶି ଉପଯୋଗ କରୁଛନ୍ତି। ଚଳିତବର୍ଷ ଏପ୍ରିଲରେ କ୍ରେଡିଟ କାର୍ଡର ବାର୍ଷିକ ହାରରେ କାରବାରରେ ୨୩% ବୃଦ୍ଧି ହୋଇଛି। ସେହିପରି ଏହି ଅବଧିରେ କାରବାର ମୂଲ୍ୟ ୭% ବଢ଼ିଛି।

ଡେବିଟ୍ କାର୍ଡଗୁଡ଼ିକ ସେହି ଗ୍ରାହକମାନଙ୍କ ପାଇଁ ମଧ୍ୟ ପ୍ରାସଙ୍ଗିକ ରହିଛି, ଯେଉଁମାନେ ଏ ପର୍ଯ୍ୟନ୍ତ ଡିଜିଟାଲ୍ ପେମେଣ୍ଟ ଇକୋସିଷ୍ଟମରେ ସମ୍ପୂର୍ଣ୍ଣ ଭାବରେ ସଂହତ ହୋଇନାହାଁନ୍ତି କିମ୍ବା ଯେଉଁମାନେ ପାରମ୍ପରିକ ବ୍ୟାଙ୍କିଙ୍ଗ ଉପକରଣଗୁଡ଼ିକୁ ପସନ୍ଦ କରୁଛନ୍ତି। ଇଣ୍ଟରନେଟ୍ ବିଭ୍ରାଟ, ୟୁପିଆଇ ବାଧା ଏବଂ କିଛି ବ୍ୟାଙ୍କିଙ୍ଗ ଯାଞ୍ଚ ପ୍ରକ୍ରିୟା ସମୟରେ ଡେବିଟ୍ କାର୍ଡଗୁଡ଼ିକ ଏକ ବ୍ୟାକଅପ୍ ଭାବରେ କାର୍ଯ୍ୟରେ ଆସୁଛି। ତଥାପି, ମୂଲ୍ୟର ଏକ ପ୍ରଶ୍ନ ଅଛି। ବ୍ୟାଙ୍କଗୁଡ଼ିକ ପ୍ରାୟତଃ ଡେବିଟ୍ କାର୍ଡ ପାଇଁ ବାର୍ଷିକ ରକ୍ଷଣାବେକ୍ଷଣ ଫି ଆଦାୟ କରନ୍ତି। କାର୍ଡ ପ୍ରକାର ଏବଂ ଆକାଉଣ୍ଟ ଅନୁସାରେ ଫି' ଭିନ୍ନ ହୋଇଥାଏ। ଯେଉଁମାନେ କ୍ୱଚିତ୍ ସେମାନଙ୍କର କାର୍ଡ ବ୍ୟବହାର କରନ୍ତି, ସେମାନଙ୍କ ପାଇଁ ଏହି ଫି' ଗୁଡ଼ିକୁ ଯଥାର୍ଥ କରିବା କ୍ରମଶଃ କଷ୍ଟକର ମନେହୁଏ। ଅପରପକ୍ଷେ ବଜାର ବିଶେଷଜ୍ଞମାନେ ଜରୁରୀକାଳୀନ ପରିସ୍ଥିତି ପାଇଁ କେବଳ ଗୋଟିଏ କିମ୍ବା ଦୁଇଟି ଡେବିଟ୍ କାର୍ଡ ବହନ କରିବାକୁ ପରାମର୍ଶ ଦେଉଛନ୍ତି। ଏହା ବାର୍ଷିକ ଶୁଳ୍କ ହ୍ରାସ କରିବା ସହ ୱାଲେଟ୍ ସ୍ଥାନ ଖାଲି କରିପାରିବ, ଚୋରି କିମ୍ବା ଅପବ୍ୟବହାରର ବିପଦକୁ ହ୍ରାସ କରିପାରିବ। ଏହାମଧ୍ୟ ଖର୍ଚ୍ଚ ଟ୍ରାକ୍ କରିବା ଏବଂ ଅନଧିକୃତ କାରବାର ଚିହ୍ନଟ କରିବା ସହଜ କରିପାରିବ।

# ମେ'ରେ ରେକର୍ଡ କଲା ୟୁପିଆଇ

## ୩୦ ଦିନରେ ୩୦ ଲକ୍ଷ କୋଟିର ପେମେଣ୍ଟ

ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ୟୁପିଆଇ ବ୍ୟବହାର କରିବା ଅତ୍ୟନ୍ତ ସହଜ ହୋଇଯାଇଛି। ବର୍ତ୍ତମାନ ସମୟରେ ପ୍ରାୟ ସମସ୍ତେ ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍) କାରବାର ସହ ଅଭ୍ୟସ୍ତ ହୋଇଗଲେଣି। ମେ' ମାସରେ ମୋଟ ୨୯.୯୦ ଲକ୍ଷ କୋଟି ଟଙ୍କାର ୟୁପିଆଇ କାରବାର ହୋଇଥିଲା। ଭାରତୀୟ ଜାତୀୟ ପେମେଣ୍ଟ୍ସ ନିଗମ (ଏନ୍‌ପିସିଆଇ)ର ତଥ୍ୟ ଅନୁଯାୟୀ, ମେ' ମାସରେ, ପ୍ରାୟ ୩୦ ଲକ୍ଷ କୋଟି ଟଙ୍କାର ୟୁପିଆଇ କାରବାର ହୋଇଥିଲା, ଯାହା ବର୍ଷ ପୂର୍ବ ସମାନ ମାସ ତୁଳନାରେ ୧୯% ବୃଦ୍ଧି। ଏହା ସହିତ, ଏହା ୨୦୨୬ ଏପ୍ରିଲ ତୁଳନାରେ ୩% ଅଧିକ। ମେ' ମାସରେ ମୋଟ ୨୩.୨ ବିଲିୟନ କାରବାର ରେକର୍ଡ କରାଯାଇଥିଲା, ଯାହା ଏପ୍ରିଲ ୨୦୨୬ରେ ୨୨.୩୫ ବିଲିୟନ ଥିଲା।



ଦେଶରେ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ୟୁପିଆଇ ଜରିଆରେ ପେମେଣ୍ଟର ଗ୍ରହଣୀୟତା ମଧ୍ୟ ବୃଦ୍ଧି ପାଇଛି। ଏହାବ୍ୟତୀତ, ପାରମ୍ପରିକ ଫୋନ୍ ମଧ୍ୟ ବର୍ତ୍ତମାନ ୟୁପିଆଇ ପେମେଣ୍ଟକୁ ସପୋର୍ଟ କରୁଛି। ଏହା ବ୍ୟତୀତ, ପେମେଣ୍ଟ ଗ୍ରହଣ କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ୟୁପିଆଇ ଏବେ ଚା' ଷ୍ଟଲ୍‌ଠାରୁ ବଡ଼ ସପିଂ ମଲ୍ ଏବଂ ବିମାନବନ୍ଦର ପର୍ଯ୍ୟନ୍ତ ସବୁଠାରେ ଗ୍ରହଣୀୟ। ଏହାର ଲୋକପ୍ରିୟତା ବସ୍ ଏବଂ ଅଟୋରିକ୍ସା ସମେତ ସବୁଠାରେ ଦେଖିବାକୁ ମିଳୁଛି।

# ଗଜାନନ ଏସ୍. କାଲେ ଟିପିସିଓଡିଏଲ୍‌ର ନୂଆ ସିଇଓ

ଭୁବନେଶ୍ୱର, ୨।୬(ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଭାବେ ଗଜାନନ ଏସ୍. କାଲେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ସହିତ ସେ ଟାଟା ପାୱାରର ଚିଫ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ବିଜନେସ ଭାବରେ ମଧ୍ୟ ନିଜର ସେବା ଜାରି ରଖିବେ। ବିଦ୍ୟୁତ କ୍ଷେତ୍ରରେ ୩୪ ବର୍ଷରୁ ଅଧିକ ସମୟର ଅଭିଜ୍ଞତା ଥିବା ଶ୍ରୀ କାଲେ ଜଣେ ଅଭିଜ୍ଞ ବ୍ୟକ୍ତିତ୍ୱ, ଯିଏ ବିଦ୍ୟୁତ ବିତରଣ ଓ ୟୁଟିଲିଟି ପରିଚାଳନା କ୍ଷେତ୍ରରେ ଗଭୀର ଦକ୍ଷତା ରଖନ୍ତି। ସେ ଏନଆଇଟି ନାଗପୁରରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ସ୍ନାତକୋତ୍ତର (ମାଷ୍ଟର୍ସ) ଏବଂ ଆଇଆଇଏମ ଅହମ୍ମଦାବାଦରୁ ମ୍ୟାନେଜମେଣ୍ଟ ଡିଗ୍ରୀ ହାସଲ କରିଛନ୍ତି। ନିଜ କାର୍ଯ୍ୟକାଳ ମଧ୍ୟରେ ଶ୍ରୀ କାଲେ ଟାଟା ପାୱାରର ଡିଷ୍ଟ୍ରିବ୍ୟୁସନ୍ ବିଜନେସ୍ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ସମ୍ଭାଳିଛନ୍ତି। ପରିଚାଳନା ଓ ରକ୍ଷଣାବେକ୍ଷଣ, ଗ୍ରାହକ ସେବା, ବାଣିଜ୍ୟିକ କାର୍ଯ୍ୟକଳାପ, ନେଟୱର୍କ ଇଞ୍ଜିନିୟରିଂ, ଇନଭେଣ୍ଟ୍ରି ପରିଚାଳନା ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଭଳି ବିଭିନ୍ନ କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି। ଏହି ନୂଆ ଦାୟିତ୍ୱ ନେବା ପୂର୍ବରୁ ସେ ଟିପିଏନଓଡିଏଲ, ଟିପିଡିଡିଏଲ, ଟିପିଏଡିଏଲ ଏବଂ ଟିପିଡବ୍ଲୁଓଡିଏଲର ସିଇଓ ଭାବେ କାର୍ଯ୍ୟ କରିସାରିଛନ୍ତି।



# ମିଶୋ-ବିଏସ୍‌ଇ ସହଭାଗିତା

ମୁମ୍ବଇ,୨।୬(ଏଜେନ୍ସି): ବାର୍ଷିକ କାରବାର ଉପଭୋକ୍ତା ଏବଂ ଅର୍ଡର ଦ୍ୱାରା ଭାରତର ସର୍ବବୃହତ ଇ-କମର୍ସ ପ୍ଲାଟଫର୍ମ ମିଶୋ, ବିଏସଇ ସହିତ ସହଭାଗୀତାରେ ପ୍ରୋଜେକ୍ଟ ଶିଖର ଆରମ୍ଭ ଘୋଷଣା କରିଛି। ଏମଏସଏମଇଗୁଡ଼ିକୁ ବିଏସଇ ଏସଏମଇ ପ୍ଲାଟଫର୍ମରେ ସାର୍ବଜନୀନ ଭାବରେ ତାଲିକାଭୁକ୍ତ ସଂସ୍ଥାରେ ପରିଣତ କରିବା ସହିତ ସେମାନଙ୍କର ଅଭିବୃଦ୍ଧି ପୁଞ୍ଜିର ପ୍ରବେଶକୁ ସମ୍ପ୍ରୋଧିତ କରିବା ଏହି ପଦକ୍ଷେପର ଲକ୍ଷ୍ୟ। ଏକ ଏମଓୟୁ ମାଧ୍ୟମରେ ଆନୁଷ୍ଠାନିକ ହୋଇଥିବା ଏହି ଏମଓୟୁ ମିଶୋର କର୍ପୋରେଟ୍ ବ୍ୟାପାର ମୁଖ୍ୟ ଶ୍ରୀମତୀ ଲୋପାମୁଦ୍ରା ରାଓ ଏବଂ ବିଏସଇର ଏମଡି ଏବଂ ସିଇଓ ଶ୍ରୀ ସୁନ୍ଦରରାମଣ ରାମମୂର୍ତ୍ତିଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା। ଏହା ତୃଣମୂଳ ସ୍ତରର ଡିଜିଟାଲ୍ ବ୍ୟବସାୟଗୁଡ଼ିକୁ ସଂସ୍ଥାଗତ ପୁଞ୍ଜି ପ୍ରବେଶ କରିବାକୁ ସକ୍ଷମ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ଏନବିବିଏଲ୍ ପକ୍ଷରୁ ଭାରତ କନେକ୍ଟ ପ୍ଲାଟଫର୍ମରେ ୧୦ ଲକ୍ଷ ଇ-ଚାଲାଣ କାରବାର

ମୁମ୍ବଇ,୨।୬(ଏଜେନ୍ସି): ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇର ସହାୟକ କମ୍ପାନୀ ଏନପିସିଆଇ ଭାରତ ବିଲ୍ ପେ ଲିମିଟେଡ୍ (ଏନବିବିଏଲ୍) ଏହାର ଭାରତ କନେକ୍ଟରେ ୬୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏକ ନିୟତରୁ ଅଧିକ ଇ-ଚାଲାଣ କାରବାରକୁ ସଫଳତାର ସହ ସମ୍ପନ୍ନ କରିଛି। ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଗୁଜରାଟ, ହିମାଚଳ ପ୍ରଦେଶ ଓ ଦିଲ୍ଲୀଭଳି ରାଜ୍ୟର ଇ-ଚାଲାଣ ପେମେଣ୍ଟ ଭାରତ କନେକ୍ଟ ଜରିଆରେ ପ୍ରକ୍ରିୟାକରଣ ହେଉଛି। ଭାରତ କନେକ୍ଟର ଇ-ଚାଲାଣ ବର୍ଗରେ ନାଗରିକମାନେ ସୁରକ୍ଷିତ, ଇଂରଟର ଅପରେବଲ ଓ ସହଜଲବ୍ଧ ପ୍ଲାଟଫର୍ମ ଜରିଆରେ ଟ୍ରାଫିକ ଚାଲାଣକୁ ଦେଖିପାରୁଛନ୍ତି ଓ ପଇଠ କରିପାରୁଛନ୍ତି। ନାଗରିକ ୟୁଟିଲିଟି ସେବା ପାଇଁ ଡିଜିଟାଲ ପେମେଣ୍ଟ ସମାଧାନର ବର୍ଦ୍ଧିତ ଗ୍ରହଣୀୟତାକୁ ଏହା ଦର୍ଶାଉଛି ଯାହା ଭାରତକୁ ଏକ ପୂର୍ଣ୍ଣ ଡିଜିଟାଲ ଅର୍ଥନୀତି ଆଡ଼କୁ ନେଉଛି। ସେବା ଉପଲବ୍ଧ କରାଇଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଶୁଭାରମ୍ଭ ପରଠାରୁ ୭,୦୦,୦୦୦ରୁ ଅଧିକ କାରବାରର ପ୍ରକ୍ରିୟାକରଣ ସହିତ ଆନ୍ଧ୍ରପ୍ରଦେଶ ଦୃଢ଼ ଗ୍ରହଣୀୟତା ଦେଖାଇଛି। ଏହାପଛକୁ ରହିଛନ୍ତି ତେଲେଙ୍ଗାନା ଓ ଗୁଜରାଟ।

## ଷ୍ଟକ୍ ବଜାର ର୍‍ୟାଙ୍କିଙ୍ଗରେ ଭାରତକୁ ଡବଲ୍ ଝଟ୍‌କା

# ପଞ୍ଚମରୁ ସିଧା ୭ମ ସ୍ଥାନକୁ ଖସିଲା ଭାରତ

**ତାଇୱାନ ପରେ, ଏବେ ଦକ୍ଷିଣ କୋରିଆଠାରୁ ବି ପଛରେ ପଡ଼ିଲା**



ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ଭାରତୀୟ ଷ୍ଟକ୍ ବଜାର ପାଇଁ ବିଭିନ୍ନ ବୈଶ୍ୱିକ ସ୍ତରରୁ ନିରାଶାଜନକ ଖବର ଆସିଛି। ବଜାରପୁଞ୍ଜି ଦୃଷ୍ଟିରୁ ଭାରତ ଏବେ ବିଶ୍ୱର ଶ୍ରେଷ୍ଠ ୫ଟି ଷ୍ଟକ୍ ବଜାର ତାଲିକାରୁ ବାହାର ହୋଇଯାଇଛି। ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ଭାରତ ଦୁଇଟି ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଛୋଟ ଛୋଟ ଦେଶଠାରୁ ପଛରେ ପଡ଼ିଯାଉଛି ଭାରତ ଭଳି ବିଶାଳ ଦେଶ। ଏଇ କିଛିଦିନ ତଳେ ଷ୍ଟକ୍ ବଜାର ଦୌଡରେ ତାଇୱାନ ଭଳି ଏକ ଛୋଟ ଦ୍ୱୀପ ଦେଶ ଭାରତର ଷ୍ଟକ୍ ବଜାରକୁ ପଛରେ ପକାଇ ଦେଇଥିଲା। ଆଉ ଏବେ ଦକ୍ଷିଣ କୋରିଆ ବି ଭାରତଠାରୁ ଆଗେଇ ଯାଇଛି। ଆଉ ଏସବୁ ଖେଳ ଏଆଇର ବଢ଼ୁଥିବା ଚାହିଦା ଯୋଗୁ ସମ୍ଭବ ହୋଇଛି। ଏହି ପରିବର୍ତ୍ତନ ସହିତ, ଭାରତ ଏବେ ବିଶ୍ୱର ସପ୍ତମ ବୃହତ୍ତମ ଷ୍ଟକ୍ ବଜାର ହୋଇଛି। ସରଳ ଭାଷାରେ ଭାରତ ବଜାରର ହ୍ରାସ ଏବଂ ଅନ୍ୟ ଏସୀୟ ଦେଶଗୁଡ଼ିକର ପ୍ରଭାବଶାଳୀ ଅଭିବୃଦ୍ଧି ପଛର କେତେକ ପ୍ରକୃତ କାରଣ ରହିଛି।

ତାଇୱାନ ଓ ଦକ୍ଷିଣ କୋରିଆ ଭଳି ରାଷ୍ଟ୍ର ସମୟର ଆବଶ୍ୟକତାକୁ ଦେଖି ପଦକ୍ଷେପ ନେଇ ଆଗେଇ ଯାଉଥିବାବେଳେ ଭାରତ ପଛରେ ପଡିଯାଉଛି। ବର୍ତ୍ତମାନ ସମୟରେ ଏଆଇର ବର୍ଦ୍ଧିତ ଚାହିଦା ଯୋଗୁ ଚିପ୍ ତିଆରି କରୁଥିବା ବିଶ୍ୱର ବଡ଼ ବଡ଼ କମ୍ପାନୀଗୁଡିକର ସେୟାର ମୂଲ୍ୟରେ ଅହେତୁକ ବୃଦ୍ଧି ହେଉଛି, ଯାହା ଏହି ଦେଶଗୁଡ଼ିକର ପୁଞ୍ଜି ବଜାରକୁ ବଳଦେଉଛି। ବ୍ଲୁମବର୍ଗର ରିପୋର୍ଟ ଅନୁଯାୟୀ, ଦକ୍ଷିଣ କୋରିଆର ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ମୂଲ୍ୟ ଚଳିତ ବର୍ଷ ୮୬% ବୃଦ୍ଧି ପାଇ ୫ ଟ୍ରିଲିୟନ ଡଲାର (ପ୍ରାୟ ୪୭୫ ଲକ୍ଷ କୋଟି ଟଙ୍କା) ରେ ପହଞ୍ଚିଛି। ଏହି ସମୟରେ, ଭାରତୀୟ ଷ୍ଟକ୍ ବଜାରର ବଜାର ମୂଲ୍ୟ ହ୍ରାସ ପାଇ ୪.୮ ଟ୍ରିଲିୟନ ଡଲାର (ପ୍ରାୟ ୪୫୬ ଲକ୍ଷ କୋଟି ଟଙ୍କାରେ) ପହଞ୍ଚିଛି। ବ୍ଲୁମବର୍ଗ ରିପୋର୍ଟ ଅନୁସାରେ ଦେଶର ଷ୍ଟକ୍ ବଜାର ରାଲି ପଛରେ ଟେକ୍ନୋଲୋଜି ଜାଏଣ୍ଟ ସାମସଙ୍ଗ ଇଲେକ୍ଟ୍ରୋନିକ୍ସ ଏବଂ ଏସକେ ହାଇନିକ୍ସ ପ୍ରମୁଖ ଶକ୍ତି ପାଲଟିଛନ୍ତି। ଏଆଇ ସିଷ୍ଟମ ଏବଂ ଡାଟା ସେଣ୍ଟରରେ ବ୍ୟବହୃତ ମେମୋରୀ ଚିପ୍ସର ପ୍ରମୁଖ ଯୋଗାଣକାରୀ ଏହି ଦୁଇଟି କମ୍ପାନୀ ସମ୍ପ୍ରତି ୧ ଟ୍ରିଲିୟନ ଡଲାର ବଜାର ପୁଞ୍ଜି କ୍ଲବରେ ସାମିଲ ହୋଇଛନ୍ତି। ଏହି ଦୁଇ କମ୍ପାନୀର ତୀବ୍ର ଅଭିବୃଦ୍ଧି ଦକ୍ଷିଣ କୋରିଆର ବେଞ୍ଚମାର୍କ କୋସ୍ପି ସୂଚକାଙ୍କକୁ ରେକର୍ଡ ସ୍ତରକୁ ଉଠାଇନେଇଛି। ଫଳରେ ଦେଶ ପ୍ରତି ନିବେଶକଙ୍କ ବିଶ୍ୱାସ ବଢିଛି। ତେବେ କେବଳ ଏଆଇ ଗତି ନୁହେଁ, ଘରୋଇ ଆର୍ଥିକ ସଂସ୍କାର ମଧ୍ୟ ଦକ୍ଷିଣ କୋରିଆର ଷ୍ଟକ୍ ବଜାରକୁ ଆଗକୁ ବଢ଼ାଇବାରେ ବଡ଼ ସପୋର୍ଟ ଦେଇଥିବା ବ୍ଲୁମବର୍ଗ ରିପୋର୍ଟରେ କୁହାଯାଇଛି। ଏହାଛଡା ତାଇୱାନର ଅର୍ଥନୀତି ଏବଂ ବଜାର ତାଇୱାନ ସେମିକଣ୍ଡକ୍ଟର ମ୍ୟାନୁଫ୍ୟାକଚରିଂ କମ୍ପାନୀ (ଟିଏମ୍‌ଏସ୍‌ସି)ରୁ ଯଥେଷ୍ଟ ଲାଭ ପାଇଛି। ଏହା ବିଶ୍ୱର ସର୍ବବୃହତ କଣ୍ଟ୍ରାକ୍ଟ ଚିପ୍ ନିର୍ମାତା, ଏହି ବର୍ଷ ଏହାର ସେୟାର ୪୬% ପ୍ରତିଶତ ବୃଦ୍ଧି ପାଇଛି। ଏହି କମ୍ପାନୀ କେବଳ ତାଇୱାନର ବେଞ୍ଚମାର୍କ ସୂଚକାଙ୍କରେ ପ୍ରାୟ ୪୨ ପ୍ରତିଶତ ପାଇଁ ଦାୟୀ।

ଅପରପକ୍ଷେ ବଜାର ପୁଞ୍ଜି କ୍ଷେତ୍ରରେ ଭାରତୀୟ ଷ୍ଟକ୍ ବଜାର ସପ୍ତମ ସ୍ଥାନକୁ ଖସିବା ପଛରେ କିଛି ପ୍ରମୁଖ ଘରୋଇ ଏବଂ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ରହିଛି। ବିଦେଶୀ ନିବେଶକଙ୍କ ବିକ୍ରି। ବିଦେଶୀ ନିବେଶକମାନେ ବଜାରରୁ ନିରନ୍ତର ପାଣ୍ଠି ପ୍ରତ୍ୟାହାର ଜାରି ରଖିଛନ୍ତି। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହେବା ମଧ୍ୟ ବଜାର ଭାବନାକୁ ପ୍ରଭାବିତ କରିଛି। ଏହାଛଡା ବିଶ୍ୱବ୍ୟାପୀ ନିବେଶକମାନେ ଏଆଇ ଭିତ୍ତିଭୂମିରେ ଜଡିତ କମ୍ପାନୀଗୁଡ଼ିକରେ ନିବେଶ କରୁଛନ୍ତି, ଯେତେବେଳେ କି ଭାରତୀୟ ଷ୍ଟକ୍ ବଜାରର ଏଆଇ ଷ୍ଟକ୍‌ର ଉପସ୍ଥିତି ଅପେକ୍ଷାକୃତ କମ୍ ରହିଛି। ଏଠାରେ ସୂଚନାଯୋଗ୍ୟ ଯେ, କୌଣସି ଦେଶର ଷ୍ଟକ୍ ବଜାରର 'ବଜାର ପୁଞ୍ଜି' ସମସ୍ତ ତାଲିକାଭୁକ୍ତ କମ୍ପାନୀଗୁଡିକର ସେୟାରର ମୋଟ ମୂଲ୍ୟକୁ ବୁଝାଏ। ଯଦି କୌଣସି ଦେଶର ଷ୍ଟକ୍ ବଜାରର ବଜାର ପୁଞ୍ଜି ବଢୁଛି, ତେବେ ଏହା ସୂଚିତ କରେ ଯେ ଏହାର କମ୍ପାନୀଗୁଡ଼ିକ ପ୍ରତି ନିବେଶକମାନଙ୍କର ବିଶ୍ୱାସ ବଢୁଛି। ଏହା ସିଧାସଳଖ ଦେଶର ଅର୍ଥନୀତିକୁ ମଧ୍ୟ ବଡ଼ ରୂପ ଦେଇଥାଏ।

# ବଦଳିବ ମୁଦ୍ରାସ୍ଫୀତି ମାପିବାର ମାପକ

**ଜୁନ୍ ୧୫ରେ ଆସିବ ନୂତନ ଉତ୍ପାଦକ ମୂଲ୍ୟ ସୂଚକାଙ୍କ**

**୫ ବର୍ଷରେ ପର୍ଯ୍ୟାୟକ୍ରମେ ବନ୍ଦ ହେବ ଡବ୍ଲ୍ୟୁପିଆଇ**

**୨୦୨୨-୨୩ ହେବ ନୂତନ ମୂଳ ବର୍ଷ**




ନୂଆଦିଲ୍ଲୀ,୨।୬(ଏଜେନ୍ସି): ଭାରତରେ ମୁଦ୍ରାସ୍ଫୀତି ମାପିବାର ଦଶନ୍ଧି ପୁରୁଣା ପଦ୍ଧତି ପରିବର୍ତ୍ତନ ହେବାକୁ ଯାଉଛି। ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଭାରତ ସରକାର ପାଇକାରୀ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଆଇ)କୁ ଏକ ନୂତନ ପିପିଆଇ (ଉତ୍ପାଦକ ମୂଲ୍ୟ ସୂଚକାଙ୍କ) ବ୍ୟବସ୍ଥା ସହିତ ବଦଳାଇବାକୁ ଯାଉଛନ୍ତି। ଜୁନ୍ ୧୫ରୁ ଏହି ପ୍ରମୁଖ ପରିବର୍ତ୍ତନ କାର୍ଯ୍ୟକାରୀ ହେବ। ଅର୍ଥନୀତିରେ ପ୍ରକୃତ ମୁଦ୍ରାସ୍ଫୀତି ଧାରା ଭଲ ଭାବରେ ବୁଝିବା ପାଇଁ କେନ୍ଦ୍ର ସରକାର ଧୀରେ ଧୀରେ ପାଇକାରୀ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଆଇ)କୁ ସମାପ୍ତ କରି ଉତ୍ପାଦକ ମୂଲ୍ୟ ସୂଚକାଙ୍କ (ପିପିଆଇ) ସହିତ ଏହାକୁ ପରିବର୍ତ୍ତନ କରୁଛନ୍ତି। କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଜୁନ୍ ୧୫ ରେ ଏହି ନୂତନ ବ୍ୟବସ୍ଥା ଆରମ୍ଭ କରିବ, ଯାହାର ଏକ ନୂତନ ମୂଳ ବର୍ଷ ୨୦୨୨-୨୩ ହେବ।

କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ପ୍ରମୁଖ ଅର୍ଥନୈତିକ ପରାମର୍ଶଦାତା ପ୍ରବୀଣ ମାହାତୋଙ୍କ ଅନୁଯାୟୀ, ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଟି) ଚଳିତମାସ ୧୫ରେ ପୁରୁଣା ୨୦୧୧-୧୨ ସିରିଜକୁ ବଦଳାଇ ୨୦୨୨-୨୩ ର ନୂତନ ମୂଳ ବର୍ଷ ସହିତ ଏକ ସଂଶୋଧିତ ଡବ୍ଲ୍ୟୁପିଆଇ ସିରିଜ୍ ପ୍ରକାଶ କରିବ। ଏହା ସହିତ ଏକ ନୂତନ ପିପିଆଇ ସିରିଜ୍ ମଧ୍ୟ ପ୍ରକାଶିତ ହେବ। ସରକାର ସାଧାରଣ ଜନତା ଏବଂ ବ୍ୟବସାୟଗୁଡ଼ିକ ପାଇଁ ଏହି ପରିବର୍ତ୍ତନ ସହିତ ଖାପ ଖୁଆଇବା ପାଇଁ ଏକ ପାଞ୍ଚ ବର୍ଷର ସମୟ ସ୍ଥିର କରିଛନ୍ତି। ଆଗାମୀ ୫ ବର୍ଷ ପାଇଁ ଡବ୍ଲ୍ୟୁପିଆଇ ଏବଂ ପିପିଆଇ ସୂଚକାଙ୍କ ଉଭୟ ଏକକାଳୀନ ପ୍ରକାଶିତ ହେବ, ଯାହା ପରେ ପିପିଆଇ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ କରାଯିବ।

**ପିପିଆଇ ସିଷ୍ଟମ କ'ଣ ଏବଂ ଏଥିରେ କ'ଣ ଅନ୍ତର୍ଭୁକ୍ତ ହେବ ?**

ଉତ୍ପାଦକ ମୂଲ୍ୟ ସୂଚକାଙ୍କ (ପିପିଆଇ) ତିନୋଟି ମୁଖ୍ୟ ସୂଚକାଙ୍କରେ ବିଭକ୍ତ କରାଯାଇଛି। ସେଗୁଡିକ ହେଉଛି, ଆଉଟପୁଟ୍ ପିପିଆଇ, ଟ୍ରାଏଲ୍ ଇନ୍ପୁଟ୍ ପିପିଆଇ ଏବଂ ସର୍ଭିସେସ୍ ପିପିଆଇ। ପ୍ରାରମ୍ଭିକ ପର୍ଯ୍ୟାୟରେ ସେବା ପିପିଆଇ ୭ଟି ପ୍ରମୁଖ ସେବାକୁ କଭର କରିବ। ତାହା ହେଉଛି, ବ୍ୟାଙ୍କିଙ୍ଗ, ସିକ୍ୟୁରିଟିଜ୍ କାରବାର, ବୀମା, ପେନସନ୍ ପାଣ୍ଠି ପରିଚାଳନା, ରେଳବାଇ, ବିମାନ ଯାତ୍ରା ଏବଂ ଟେଲିକମ୍। ଆଉଟପୁଟ୍ ଏବଂ ଇନପୁଟ୍ ପିପିଆଇ କାର୍ଯ୍ୟକାରୀ ହେବା ଦ୍ୱାରା କଞ୍ଚାମାଲ ମୂଲ୍ୟରେ ପରିବର୍ତ୍ତନ କିପରି ପ୍ରସ୍ତୁତ ସାମଗ୍ରୀର ମୂଲ୍ୟକୁ ପ୍ରଭାବିତ କରେ ତାହା ବୁଝିବା ସହଜ ହେବ। ଏହି ବ୍ୟବସ୍ଥା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର ସୁପାରିଶ ଏବଂ ଆମେରିକା ଏବଂ ଚୀନ୍ ଭଳି ବିକଶିତ ଦେଶଗୁଡ଼ିକର ମାନଦଣ୍ଡ ସହିତ ସମ୍ପୂର୍ଣ୍ଣ ସୁସଙ୍ଗତ।

ପୁରୁଣା ଡବ୍ଲ୍ୟୁପିଆଇ ବାସ୍କେଟରେ ମଧ୍ୟ କେତେକ ପ୍ରମୁଖ ପରିବର୍ତ୍ତନ କରାଯାଇଛି। ଅର୍ଥନୈତିକ ପରାମର୍ଶଦାତାଙ୍କ କାର୍ଯ୍ୟାଳୟର ଉପ-ମହାନିର୍ଦ୍ଦେଶକ ଦିଲୀପ କୁମାର ସିହ୍ନା କହିଛନ୍ତି ଯେ ନୂତନ ଡବ୍ଲ୍ୟୁପିଆଇ ସିରିଜକୁ ମଧ୍ୟ ଅଧିକ ବ୍ୟାପକ କରାଯାଇଛି। ଏଥିରେ ଅନ୍ତର୍ଭୁକ୍ତ ସାମଗ୍ରୀ ସଂଖ୍ୟା ୬୯୭ ରୁ ୯୫୭ କୁ ବୃଦ୍ଧି କରାଯାଇଛି। ବିଦ୍ୟୁତ୍ ଗ୍ରୁପରେ ସୌର, ପବନ ଏବଂ ପରମାଣୁ ଶକ୍ତି ଭଳି ନୂତନ ଶକ୍ତି ଉତ୍ସକୁ ସାମିଲ କରାଯାଇଛି। ଏହା ବ୍ୟତୀତ, ଅଶୋଧିତ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସକୁ ପ୍ରାଥମିକ ସାମଗ୍ରୀ ବର୍ଗରୁ ବାହାର କରି ଇନ୍ଧନ ଏବଂ ଶକ୍ତି ଗ୍ରୁପରେ ରଖାଯାଇଛି।

ଏହି ପରିବର୍ତ୍ତନ କେବଳ ପରିସଂଖ୍ୟାନ ପର୍ଯ୍ୟନ୍ତ ସୀମିତ ନୁହେଁ; ଏହା ପ୍ରମୁଖ ବ୍ୟବସାୟିକ ଚୁକ୍ତିନାମା ଉପରେ ମଧ୍ୟ ସିଧାସଳଖ ପ୍ରଭାବ ପକାଇବ। ୧୯୪୨ ମସିହାରୁ ଭାରତରେ ପାଇକାରୀ ମୁଦ୍ରାସ୍ଫୀତି ମାପିବା ପାଇଁ ଡବ୍ଲ୍ୟୁପିଆଇ ବ୍ୟବହାର କରାଯାଉଛି। ଏହାକୁ ୭ ଥର ସଂଶୋଧନ କରାଯାଇଛି। ସମ୍ପ୍ରତି, ଏପ୍ରିଲରେ ଡବ୍ଲ୍ୟୁପିଆଇ ହାର ୪୨ ମାସର ସର୍ବୋଚ୍ଚ ୮.୩ ପ୍ରତିଶତରେ ପହଞ୍ଚିଛି।

# କୃଷି, ଶିଳ୍ପ ଉପକରଣ ଉପରୁ ଆମଦାନୀ ଶୁଳ୍କ ହ୍ରାସ କଲେ ଟ୍ରମ୍ପ

**ଶୁଳ୍କ ୨୫% ରୁ ୧୫%କୁ ହ୍ରାସ**

ନୂଆଦିଲ୍ଲୀ,୨।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶର କୃଷି ଏବଂ ଉତ୍ପାଦନ କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଟ୍ରମ୍ପ ପ୍ରଶାସନ କିଛି କୃଷି ଏବଂ ଶିଳ୍ପ ଉପକରଣ ଉପରେ ଆମଦାନୀ ଶୁଳ୍କକୁ ୨୫%ରୁ ୧୫%କୁ ହ୍ରାସ କରିବାକୁ ଘୋଷଣା କରିଛି। ଏହି ହ୍ରାସ ୨୦୨୭ ଡଇସେମ୍ବର ପର୍ଯ୍ୟନ୍ତ ପ୍ରଭାବଶାଳୀ ରହିବ। ଏହି ପଦକ୍ଷେପର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଶସ୍ତା ଆମଦାନୀକୁ ପ୍ରୋତ୍ସାହିତ କରିବା ଏବଂ ଆମେରିକୀୟ ଇସ୍ପାତ ଏବଂ ଆଲୁମିନିୟମର ବ୍ୟବହାରକୁ ଉତ୍ସାହିତ କରିବା। ହ୍ୱାଇଟ୍ ହାଉସ୍ ଦ୍ୱାରା ଜାରି କରାଯାଇଥିବା ଏକ ନୂତନ ବିବୃତ୍ତି ଅନୁଯାୟୀ, ଏହି ଅସ୍ଥାୟୀ ହ୍ରାସ କର୍ପୋରେଟ୍ ଖର୍ଚ୍ଚ ହ୍ରାସ କରିବା ଏବଂ ଘରୋଇ ଉତ୍ପାଦନ ଏବଂ କୃଷି ଉତ୍ପାଦନକୁ ସୁଦୃଢ଼ କରିବା ପାଇଁ ଏକ ବ୍ୟାପକ ପ୍ରୟାସର ଅଂଶ। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ସିଧାସଳଖ ଚାଷୀମାନଙ୍କୁ ଲାଭ ଦେବ, ଏବଂ ଏହାର ପ୍ରଭାବ ଭାରତରେ ମଧ୍ୟ ଅନୁଭୂତ ହେବ। କୃଷି ଯନ୍ତ୍ରପାତି ଉପରୁ ଟିକସ ହ୍ରାସ ସିଧାସଳଖ କମ୍ବାଇନ୍ ହାର୍ଭେଷ୍ଟର୍ ଏବଂ ଅନ୍ୟାନ୍ୟ କୃଷି ଉପକରଣକୁ ଲାଭ ଦେବ।

ହ୍ୱାଇଟ୍ ହାଉସ୍ ଅନୁଯାୟୀ, ଚାଷୀମାନଙ୍କୁ କମ୍ ମୂଲ୍ୟରେ ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ଉପକରଣ କ୍ରୟ କରିବାରେ ସାହାଯ୍ୟ କରିବା ଲକ୍ଷ୍ୟ। କୃଷି ଏବଂ ଶିଳ୍ପ ଉପକରଣ ଉପରେ ଶୁଳ୍କକୁ ୨୫%ରୁ ୧୫% କୁ ହ୍ରାସ କରିବା ପାଇଁ ଆମେରିକାର ନିଷ୍ପତ୍ତି ମୁଖ୍ୟତଃ ଆମେରିକୀୟ ଉତ୍ପାଦନ ଏବଂ କୃଷିକୁ ପ୍ରୋତ୍ସାହିତ କରିବା ଉଦ୍ଦିଷ୍ଟ। ତଥାପି, ଚାଲୁଥିବା ଅନ୍ତରୀଣ ବାଣିଜ୍ୟ ଚୁକ୍ତି ଆଲୋଚନା ମଧ୍ୟରେ, ଏହା ଭାରତ ପାଇଁ ମିଶ୍ରିତ ପରିଣାମ ଆଣିପାରେ। ଆମେରିକୀୟ ଉପକରଣ ଉପରେ ଶୁଳ୍କ ହ୍ରାସ କରିବା ଦ୍ୱାରା ଉନ୍ନତ ଯନ୍ତ୍ରପାତି ଆମଦାନୀ କରୁଥିବା ଭାରତୀୟ କ୍ରେତାଙ୍କ ପାଇଁ ଖର୍ଚ୍ଚ ହ୍ରାସ ପାଇବ। ସୁଲଭ ଏବଂ ଆଧୁନିକ ଉପକରଣର ଉପଲବ୍ଧତା ଭାରତର କୃଷି ଏବଂ ଉତ୍ପାଦନ କ୍ଷେତ୍ରରେ ଉତ୍ପାଦକତାକୁ ବୃଦ୍ଧି କରିପାରିବ, ଯାହା ଚାଷୀମାନଙ୍କୁ ଲାଭଦାୟକ ହେବ ବୋଲି ଆଶା କରାଯାଉଛି।

